# 'ମଣିଷ ସମାଜ ପାଇଁ ବିପଦରେ ଜୀବଜଗତ'



ଭୁବନେଶ୍ୱର ୨୨।୫(ଆ.ପ୍ର): ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ବଳରେ ଆମେ ନିଜେ ହିଁ ଆମ ନିଜକୁ ବଞ୍ଚାଇବାକୁ ପଡ଼ିବ ବୋଲି କହିଛନ୍ତି ଭାରତ ସରକାରଙ୍କ ଜଙ୍ଗଲ ମନ୍ତ୍ରାଳୟର ପ୍ରାକ୍ତନ ମହାନିର୍ଦ୍ଦେଶକ ତଥା ଓଡ଼ିଶା ଭୂସମ୍ପତ୍ତି ଅଧିକାର ପ୍ରାଧିକରଣର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ। ଓଡ଼ିଶା ଜୈବବିବିଧତା ବୋର୍ଡ଼ ଆନୁକୂଲ୍ୟରେ ଇମୋଜ ପରିସରରେ 'ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଲେ ଯେ, ଆମକୁ ପ୍ରଥମେ ପରିବେଶକୁ ଆବର୍ଜନାମୁକ୍ତ କରିବାକୁ ପଡ଼ିବ। ଆମର ସ୍ୱାର୍ଥ ପାଇଁ ଜୈବବିବିଧତାର ସଂରକ୍ଷଣର ନିତାନ୍ତ ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ଏ ଦିଗରେ ସଂକଳ୍ପ ନେବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ପୂର୍ବତନ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ ଡ. ସନ୍ଦୀପ ତ୍ରିପାଠୀ କହିଲେ ଯେ ଓଡ଼ିଶା ଜୈବବିବିଧତାରେ ସମୃଦ୍ଧ। ସଦ୍ୟତମ ଜାତୀୟ ଜଙ୍ଗଲ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୯୯୩ ବର୍ଗ କିଲୋମିଟର ଜଙ୍ଗଲ ଅଭିବୃଦ୍ଧି ଘଟିଛି। ସ୍ୱାଗତ ଭାଷଣ ଦେଇ ବୋର୍ଡର ଅଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ ମିଳିତ ଜାତିସଂଘର ପ୍ରସ୍ତାବ ଅନୁଯାୟୀ ଚଳିତ ବର୍ଷ 'ଜୀବଜଗତର ପ୍ରତ୍ୟେକ ଜୀବନ ପାଇଁ ଏକ ସୁଦୃଢ଼ ଭବିଷ୍ୟତ ନିର୍ମାଣ' ଏହି ଦିବସ ପାଳନର ପ୍ରସଙ୍ଗ ରହିଛି। ଏହି ଅବସରରେ ଓଡ଼ିଶାର ଜୈବବିବିଧତା ସଂପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର, ଦେବୀ ମୁହାଣର ସମୁଦ୍ର କଙ୍କଡ଼ା ସଂପର୍କିତ ଏକ ପୁସ୍ତିକା ଏବଂ ବନ୍ୟଜନ୍ତୁ ପରିଚାଳନା ପାଇଁ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା । ରାଜ୍ୟର ୧୦ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ' ମନୁଷ୍ୟ ସମାଜ ପାଇଁ ଜୈବବିବିଧତା' ଶୀର୍ଷକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସୁଦର୍ଶନ ପଣ୍ଡା, ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ ) ଶଶି ପଲ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର ରଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ( କେନ୍ଦୁପତ୍ର ) ସୁଶୀଲ କୁମାର ପପୁଲି, ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁରେଶ ପନ୍ତ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ୍, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ବିଜୟ କେତନ ପଟ୍ଟନାୟକ, ଜିତେନ୍ଦ୍ର କୁମାର ଏବଂ ନନ୍ଦନକାନନର ନିର୍ଦ୍ଦେଶକ ମନୋଜ ନାୟାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୋର୍ଡର ସଦସ୍ୟ ସଚିବ ଡ. ନିହାର ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।